# NATIONAL NEWS BULLETIN (ODIA)

## 25 August - 2024

## Mid-Day : 1.50 p.m.

---

# ମୁଖ୍ୟ ସମ୍ବାଦ

- ମହାକାଶ କ୍ଷେତ୍ରରେ ସଂସ୍କାରଦ୍ୱାରା ଦେଶର ଯୁବବର୍ଗ ବହୁ ପରିମାଣରେ ଉପକୃତ ହୋଇଛନ୍ତି କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଆକାଶବାଣୀର ମନ୍ କି ବାତ୍‌ରେ ବର୍ଷାଜଳ ସଂରକ୍ଷଣ ଏବଂ ଚାରାରୋପଣ ପାଇଁ ସମସ୍ତଙ୍କୁ ଦେଲେ ଆହ୍ୱାନ ।

- ଭାରତ-ଶ୍ରୀଲଙ୍କା ନୌଅଭ୍ୟାସରେ ସାମିଲ ହେବାପାଇଁ ଆଇଏନ୍ଏସ୍ ମୁମ୍ବାଇ ଆସନ୍ତାକାଲିଠାରୁ ଆରମ୍ଭ କରିବ ଯାତ୍ରା ।

- ଆସନ୍ତା ୨୯ ତାରିଖରେ ଜାତୀୟ କ୍ରୀଡ଼ାଦିବସ ପାଳନ କରିବାକୁ ଆହ୍ୱାନ ଦେଲେ ବିଭାଗୀୟ ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ।

- ଇଣ୍ଡୋନେସିଆରେ ଆକସ୍ମିକ ବନ୍ୟା ଏବଂ ଭୂ-ସ୍ଖଳନ ଯୋଗୁଁ ୭ଜଣଙ୍କର ମୃତ୍ୟୁ ।

ଏବଂ

- ଆଗାମୀ ୨୦୨୬ ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରଥମଥର ପାଇଁ ଅଂଶଗ୍ରହଣ କରିବ ଭାରତୀୟ ସର୍ଫିଂ ଦଳ ।

# ମନ୍ କି ବାତ୍

ମହାକାଶ କ୍ଷେତ୍ରରେ ସଂସ୍କାରଦ୍ୱାରା ଦେଶର ଯୁବବର୍ଗ ବହୁ ପରିମାଣରେ ଉପକୃତ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଗତ ୨୩ ତାରିଖରେ ଦେଶବାସୀ ପ୍ରଥମ ଜାତୀୟ ମହାକାଶ ଦିବସ ପାଳନ କରିଛନ୍ତି । ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରଯାନ-୩ର ସଫଳ ଅବତରଣ ଭାରତକୁ ବିଶ୍ୱରେ ପ୍ରଥମ ରାଷ୍ଟ୍ର ଭାବେ ମାନ୍ୟତା ପ୍ରଦାନ କରିଛି । ମହାକାଶ ଇକୋ ସିଷ୍ଟମ ଅଧିକ ଗତିଶୀଳ ହୋଇଛି । ଦେଶର ଯୁବବର୍ଗ ଉପଯୁକ୍ତ ସୁଯୋଗ ଏବଂ ମାର୍ଗଦର୍ଶନ ଖୋଜୁଛନ୍ତି ବୋଲି ସେ ଏହି ଅବସରରେ ଉଲ୍ଲେଖ କରିଛନ୍ତି । ଯୁବବର୍ଗଙ୍କ ଅଭିଜ୍ଞତା ଏବଂ ଉତ୍ସାହ ଦେଶପାଇଁ ଲାଭଦାୟକ ସାବ୍ୟସ୍ତ ହେବ । ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ଏକତ୍ରିତ ଭାବନାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

ହର୍ ଘର ତିରଙ୍ଗା ଅଭିଯାନ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଜାମ୍ମୁକାଶ୍ମୀରର ରିଆସିଠାରେ ସର୍ବୋଚ୍ଚ ରେଳ ସେତୁ ଚେନ୍ନାବ ପୋଲ ଉପରେ ୭୫୦ମିଟର ଲମ୍ବ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବାହାରିଥିଲା । ଅରୁଣାଚଳ ପ୍ରଦେଶର ପୂର୍ବ କାମେଙ୍ଗ ଜିଲ୍ଲାରେ ୬୦୦ଫୁଟ ଲମ୍ବର ତ୍ରିରଙ୍ଗା ଶୋଭାଯାତ୍ରା ମଧ୍ୟ ଦେଶବାସୀଙ୍କର ଯୋଗଦାନ ପ୍ରତିପାଦନ କରିଥିଲା । ଏହି ଅଭିଯାନରେ ଦେଶର ବିଭିନ୍ନ ପ୍ରାନ୍ତର ଲୋକ ବହୁସଂଖ୍ୟାରେ ସାମିଲ ହୋଇ ଏହାକୁ ଏକ ସାମାଜିକ ପର୍ବରେ ପରିଣତ

କରିଥିଲେ । ଦେଶକୁ ଏକତାର ସୂତ୍ରରେ ବାନ୍ଧିବାରେ ଏହା ଏକ ପ୍ରକୃଷ୍ଟ ଉଦାହରଣ ସୃଷ୍ଟି କରିଥିଲା । ମଣିଷ ଏବଂ ପଶୁଙ୍କ ମଧ୍ୟରେ ବନ୍ଧନ ସମ୍ପର୍କରେ ଆଲୋଚନା କରିବାକୁ ଯାଇ ପ୍ରଧାନମନ୍ତ୍ରୀ ଆସାମର ତିନିସୁକିଆ ଜିଲ୍ଲାର ବାରେକୁରି ଗ୍ରାମର ଗ୍ରାମବାସୀଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥଲେ । ପଶୁସମ୍ପଦ ସୁରକ୍ଷା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଥିଲେ ।

ଆବର୍ଜନାରୁ କଳାକୃତି ତିଆରି ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମଧ୍ୟପ୍ରଦେଶର ଝାବୁଆ ସଫେଇ କର୍ମଚାରୀଙ୍କ ବିଷୟରେ ଆଲୋଚନା କରିଥିଲେ ।

ବର୍ଷାଜଳ ସଂରକ୍ଷଣ ଏବଂ ଗୋଟିଏ ବୃକ୍ଷ ମା'ଙ୍କ ପାଇଁ ଅଭିଯାନରେ ଅଧିକରୁ ଅଧିକ ସାମିଲ ହେବାକୁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ସୁସ୍ଥ ରହିବାକୁ ହେଲେ ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ଧ୍ୟାନ ଦେବାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଫିଟ୍ ଇଣ୍ଡିଆ ଅଭିଯାନ ସମ୍ପର୍କରେ ଜନସଚେତନତା ବୃଦ୍ଧି ପାଇଁ ସେ ଆହ୍ୱାନ ଦେଇଛନ୍ତି । ସୁସ୍ଥ ରହିବା ପାଇଁ ବୟସ ଏବଂ ଶ୍ରେଣୀ ନିର୍ବିଶେଷରେ ଦେଶବାସୀ ଯୋଗକୁ ଆପଣେଇବା ଏକ ସଫଳତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ମିଲେଟ୍ ପ୍ରସ୍ତୁତ ଖାଦ୍ୟପଦାର୍ଥ ଏ ଦିଗରେ ବିଶେଷ ସହାୟତା ପ୍ରଦାନ କରିଥାଏ ବୋଲି ସେ କହିଛନ୍ତି ।

ଆସନ୍ତା ମାସରେ ସମଗ୍ର ଦେଶରେ ପୋଷଣ ମାସ ପାଳନ କରାଯିବ । ଶିଶୁଙ୍କ ପୋଷଣକୁ ପ୍ରାଥମିକତା ଦିଆଯାଉଛି ବୋଲି ସେ କହିଛନ୍ତି ।

ପ୍ୟାରିସ୍ ଅଲମ୍ପିକ୍ସ ଖେଳାଳିଙ୍କୁ ହାସ୍‌ଟ୍ୟାଗ୍-୪ ଜରିଆରେ ପ୍ରୋତ୍ସାହିତ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଆଗାମୀ ଜନ୍ମାଷ୍ଟମୀ, ଗଣେଶ ଚତୁର୍ଥୀ, ଓନମ, ମିଲାଦ୍-ଉନ୍-ନବୀ ଏବଂ ତେଲୁଗୁଭାଷା ଦିବସ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଆଇଏନ୍‌ଏସ୍ ମୁମ୍ବାଇ

ଭାରତୀୟ ନୌବାହିନୀର ଯୁଦ୍ଧ ଜାହାଜ ଆଇ.ଏନ୍.ଏସ୍. ମୁମ୍ବାଇ ଆସନ୍ତାକାଲିଠୁ ତିନି ଦିନିଆ ଗସ୍ତ କାର୍ଯ୍ୟକ୍ରମରେ କଲମ୍ବୋ ପହଞ୍ଚିବ । ଏହି ଜାହାଜକୁ ଆନୁଷ୍ଠାନିକ ଭାବେ ଶ୍ରୀଲଙ୍କା ନୌବାହିନୀ ସ୍ୱାଗତ କରିବ ।

ସୂଚନାଯୋଗ୍ୟ ଆଇ.ଏନ୍.ଏସ୍. ମୁମ୍ବାଇ ଯୁଦ୍ଧ ଜାହାଜ ଭାରତୀୟ ନୌବାହିନୀରେ ୨୦୦୧ ମସିହା ଜାନୁଆରୀ ୨୨ ତାରିଖରେ ଯୋଗଦେଇଥିଲା । ଗତବର୍ଷ ଡିସେମ୍ବର ୮ ତାରିଖରେ ଏହି ଜାହାଜକୁ ପୁଣି ବିକଶିତ କରାଯାଇ ବିଶାଖା ପାଟଣାର ପୂର୍ବ ନୌ-କମାଣ୍ଡରେ ସାମିଲ କରାଯାଇଥିଲା । ପ୍ରଥମଥର ପାଇଁ ଆଇ.ଏନ୍.ଏସ୍. ମୁମ୍ବାଇ ଶ୍ରୀଲଙ୍କା ଯିବ, ଏଥିସହିତ ଶ୍ରୀଲଙ୍କାକୁ ଗସ୍ତ କରୁଥିବା ଭାରତୀୟ ନୌବାହିନୀର ଏହା ଅଷ୍ଟମ ଜାହାଜ ହେବ । ତିନିଦିନ ରହଣୀ ଅବସରରେ ଆଇ.ଏନ୍.ଏସ୍. ମୁମ୍ବାଇ ଶ୍ରୀଲଙ୍କା ନୌବାହିନୀର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବ । ଏହି କାର୍ଯ୍ୟକ୍ରମ ମଧ୍ୟରେ କ୍ରୀଡ଼ା, ଯୋଗ, ଉପକୂଳ ସଫେଇ କାର୍ଯ୍ୟକ୍ରମ

ଆଦି ରହିଛି । ଆଇ.ଏନ୍.ଏସ୍. ମୁମ୍ବାଇ ଆସନ୍ତା ୨୯ ତାରିଖ ଦିନ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବ ।

## ଇସ୍ରାଏଲ-ଏମରଜେନ୍ସି

ଲେବାନନ୍‌ରେ ହିଜ୍‌ବୁଲ୍ଲା ଉପରେ ଇସ୍ରାଏଲ ସେନାଙ୍କ ଆକ୍ରମଣ ପରେ ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ ଗାଲାଙ୍କ ଦେଶରେ ୪୮ଘଣ୍ଟା ପାଇଁ ଜରୁରୀ ପରିସ୍ଥିତି ଘୋଷଣା କରିଛନ୍ତି । ଆଜି ସକାଳେ ଇସ୍ରାଏଲ ସରକାରଙ୍କ ପକ୍ଷରୁ ଏହି ଘୋଷଣା କରାଯାଇଛି । ଇସ୍ରାଏଲ ପ୍ରତିରକ୍ଷା ବାହିନୀ ପକ୍ଷରୁ ଜନସମାଗମ ଉପରେ ପ୍ରତିବନ୍ଧକ ଲଗାଯିବା ସହ ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଭାରତୀୟ ସମୟ ସକାଳ ସାଢ଼େ ୮ଟାରୁ ଏହା ଲାଗୁ ହୋଇଛି । ଉତ୍ତର ଇସ୍ରାଏଲ ଉପରେ ୩୨୦ଟି ରକେଟ୍ ମାଡ ଏବଂ ଡ୍ରୋନ୍ ମାଧ୍ୟମରେ ବିସ୍ଫୋରକ ସାମଗ୍ରୀ ପକାଯିବା ନେଇ ହିଜ୍‌ବୁଲ୍ଲା ନିଜକୁ ଦାୟୀ ଘୋଷଣା କରିବା ପରେ ଇସ୍ରାଏଲ ଏହି ପ୍ରତିରକ୍ଷାତ୍ମକ ପଦକ୍ଷେପ ଗ୍ରହଣ କରିଛି ।

# କେରଳ-ରିଜାଇନ୍ଡ

କେରଳ ଚଳଚ୍ଚିତ୍ର ଜଗତର ବରିଷ୍ଠ ନିର୍ଦ୍ଦେଶକ ତଥା ରାଜ୍ୟ ଚଳାଚିତ୍ର ଏକାଡେମୀର ଅଧ୍ୟକ୍ଷ ରଣଜିତ୍ ବାଲକ୍ରିଷ୍ଣନ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି । ରାଜ୍ୟ ସେ ତାଙ୍କର ଇସ୍ତଫାପତ୍ର ଆଜି ସକାଳେ ପ୍ରଦାନ କରିଛନ୍ତି । ଗତ ୨୦୦୯ ମସିହାରେ ଶ୍ରୀ ବାଲକ୍ରିଷ୍ଣନଙ୍କ ବିରୁଦ୍ଧରେ ବଙ୍ଗୀୟ ଅଭିନେତ୍ରୀ ଶ୍ରୀଲେଖା ମିତ୍ର  ଅସାଦାଚରଣ ଅଭିଯୋଗ ଆଗତ କରିଥିଲେ । ଏହାର ତଦନ୍ତ ପାଇଁ କେରଳ ସରକାର ଜଷ୍ଟିସ ହେମା କମିଟି ଗଠନ କରିଥିଲେ । କମିଟି ତାଙ୍କ ରିପୋର୍ଟରେ ମାଲାୟଲମ ଚଳଚ୍ଚିତ୍ର ଜଗତରେ କାମ କରୁଥିବା ମହିଳାଙ୍କୁ ଅସଦାଚରଣ ହେଉଥିବା ନେଇ ଉଲ୍ଲେଖ କରିଥିଲେ । ଗତ ସପ୍ତାହରେ ଏହି ରିପୋର୍ଟ ସାର୍ବଜନୀନ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଶ୍ରୀ ବାଲକ୍ରିଷ୍ଣନ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି ।

ସେହିଭଳି ଅନ୍ୟଜଣେ ମହିଳା ଅଭିନେ୍ରତୀଙ୍କ ଅଭିଯୋଗ ଆଧାରରେ ମାଲାୟଲମ ଚଳଚ୍ଚିତ୍ର ଅଭିନେତା ସଂଘର ସାଧାରଣ ସମ୍ପାଦକ ସିଦ୍ଦିକି ମଧ୍ୟ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି । ସୂଚନାଯୋଗ୍ୟ ଅଭିନେତା ଦିଲ୍ଲୀପଙ୍କ ନିର୍ଦ୍ଦେଶରେ କୋଚିରେ ଜଣେ ଅଗ୍ରଣୀ ମହିଳା ଅଭିନେତ୍ରୀଙ୍କୁ ଦୁଷ୍କର୍ମ କରାଯିବା ଅଭିଯୋଗ ପରେ ୨୦୧୭ରେ ଏହି କମିଟି ଗଠନ କରାଯାଇଥିଲା ।

## ଆର୍‌ଜିକର – ସିବିଆଇ

କୋଲକାତାର ଆର୍‌ଜିକର ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଆର୍ଥିକ ଅନିୟମିତତା ଅଭିଯୋଗ ମାମଲାରେ ସିବିଆଇ ଆଜି ୧୫ଟି ସ୍ଥାନରେ ତଦନ୍ତ କରିଛି । କଲେଜର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ସନ୍ଦିପ ଘୋଷଙ୍କୁ ତାଙ୍କ ବାସଭବନରେ ମଧ୍ୟ ଜେରା କରିଛି । ସିବିଆଇ ସହିତ କେନ୍ଦ୍ରୀୟ ଦଳ ଏବଂ କୋଲକାତା ପୋଲିସ ଏହି ତଦନ୍ତରେ ସାମିଲ ହୋଇଛନ୍ତି । ସିବିଆଇର ଅନ୍ୟଏକ ଦଳ କଲେଜର ବର୍ତ୍ତମାନର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କୁ ପଚରାଉଚରା କରୁଛି । ଏହି ଘଟଣାରେ ହସ୍ପିଟାଲର ଅନ୍ୟ କେତେଜଣ ପୂର୍ବତନ ତଥା ବର୍ତ୍ତମାନର ଅଧିକାରୀଙ୍କୁ ମଧ୍ୟ ପଚରାଉଚରା କରୁଥିବା ନେଇ ଜଣାପଡିଛି ।

## ଟେଲିଗ୍ରାମ ସିଇଓ ଆରେଷ୍ଟ

ଲୋକପ୍ରିୟ ମେସେଜିଂ ଆପ୍ ଟେଲିଗ୍ରାମର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପାଭେଲ ଡୁରୋଭଙ୍କୁ ପ୍ୟାରିସ୍‌ର ଲି ବୁର୍‌ଗେଟ ବିମାନବନ୍ଦରରୁ ଗତକାଲି ଗିରଫ କରାଯାଇଛି । ଫ୍ରାନ୍ସ କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଆପ୍ ସହିତ ଜଡିତ ଅପରାଧ ଆଧାରରେ ଜାରି ୱାରେଣ୍ଟ ବଳରେ ତାଙ୍କୁ ଗିରଫ କରାଯାଇଛି । ଏହି

ଆପ୍ ମାଧ୍ୟମରେ ଅପରାଧିକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦିଆଯାଉଥିବାର ଅଭିଯୋଗ ରହିଛି । ଡୁରୋଭଙ୍କ ଗିରଫ ପରେ ଫ୍ରାନ୍ସରେ ଥିବା ରୁଷୀୟ ଦୂତାବାସ ପକ୍ଷରୁ ଏନେଇ ଅଧିକ ତଥ୍ୟ ସଂଗ୍ରହ କରାଯାଉଛି ।

# ସ୍ପୋର୍ଟସ୍ ଡେ-ମାଣ୍ଡବ୍ୟ

ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ  ଆସନ୍ତା ୨୯ ତାରିଖ ଦିନ ଦେଶ ବ୍ୟାପି ଜାତୀୟ କ୍ରୀଡ଼ା ଦିବସ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି । ଭାରତକୁ ଏକ ସୁସ୍ଥ ଦେଶ ଭାବେ ଗଢ଼ିତୋଳିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ଆହ୍ୱାନକୁ ସେ ଦୋହରାଇଛନ୍ତି । ପ୍ରତ୍ୟେକ ଭାରତୀୟ ନିଜକୁ ସୁସ୍ଥ ଓ ସବଳ ରଖିବାର ଦାୟିତ୍ୱ ନେଇ ସୁସ୍ଥ ଭାରତ ଅଭିଯାନକୁ ଆଗେଇ ନେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଜାତୀୟ କ୍ରୀଡ଼ା ଦିବସ ଆମ ଦେଶର କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ସମ୍ମାନ ଜଣାଇବାର ସହିତ କ୍ରୀଡ଼ା ମାଧ୍ୟମରେ କିପରି ସୁସ୍ଥ ଓ ସନ୍ତୁଳିତ ଜୀବନଯାପନ କରାଯାଇ ପାରିବ ସେ ବିଷୟରେ ସଚେତନ ହେବାର ଏକ ଅବସର ବୋଲି ସେ କହିଛନ୍ତି ।

# ଇଣ୍ଡୋନେସିଆ ଫ୍ଲଡ

ଇଣ୍ଡୋନେସିଆର ଉତ୍ତର ମାଲୁକୁ ପ୍ରଦେଶରେ ଆକସ୍ମିକ ବନ୍ୟା ଏବଂ ଭୂ-ସ୍ଖଳନ ଯୋଗୁଁ ୭ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୨ଜଣ ଆହତ ହୋଇଥିବାବେଳେ ବହୁଲୋକ ନିଖୋଜ ଥିବା ଆଶଙ୍କା କରାଯାଉଛି । ପ୍ରବଳ ବର୍ଷା ଯୋଗୁଁ ସେଠାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଉଦ୍ଧାର ଏବଂ ରିଲିଫ କାର୍ଯ୍ୟରେ ସେନାବାହିନୀ ସହ ପୋଲିସ ଏବଂ ସ୍ଥାନୀୟ କର୍ମଚାରୀ ସାମିଲ ହୋଇଛନ୍ତି । ବିପର୍ଯ୍ୟୟ ପରିଚାଳନା କର୍ମଚାରୀ, ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଉଦ୍ଧାରକାର୍ଯ୍ୟ ସହ ରିଲିଫ ଯୋଗାଣ ମଧ୍ୟ ଆରମ୍ଭ ହୋଇଛି ।

# ସର୍ଫିଂ ଏସିଆନ୍ ଗେମ୍ସ

ଆଗାମୀ ୨୦୨୬ ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତୀୟ ସର୍ଫିଂ ଦଳ ପ୍ରଥମଥର ପାଇଁ ଅଂଶଗ୍ରହଣ କରିବ । ଯୋଗ୍ୟତା ପର୍ଯ୍ୟାୟରେ ଉଭୟ ପୁରୁଷ ଏବଂ ମହିଳା ଦଳ ଆବଶ୍ୟକ ମାନ୍ୟତା ପଏଣ୍ଟ ହାସଲ କରି ଆଗାମୀ ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ନିଜର ସ୍ଥାନ ପକ୍କା କରିଛି । ଏ ସମ୍ପର୍କରେ ସୂଚନା ଦେଇ ଭାରତୀୟ ସର୍ଫିଂ ଫେଡେରେସନର ସଭାପତି ଅରୁଣ ବାସୁ କହିଛନ୍ତି ଭାରତ ପାଇଁ ଏହା ଏକ ଐତିହାସିକ ସଫଳତା ।

# ବ୍ୟାଡମିଣ୍ଟନ ଏସିଆ ଜୁନିୟର ଚାମ୍ପିୟନସିପ

ଭାରତର ପ୍ରମୁଖ ଜୁନିୟର ବ୍ୟାଡମିଣ୍ଟନ ଖେଳାଳି ତନ୍ୱି ପତ୍ରୀ ୧୫ବର୍ଷରୁ କମ୍ ଏସୀୟ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍ ପ୍ରତିଯୋଗିତାରେ ଟାଇଟଲ ବିଜୟୀ ହୋଇଛନ୍ତି । ଚୀନ୍‌ର ଚେଙ୍ଗଡୁଠାରେ ଚାଲିଥିବା ଏସିଆ ୧୫ ବର୍ଷରୁ କମ୍ ଏବଂ ୧୭ବର୍ଷରୁ କମ୍ ଚାମ୍ପିୟନସିପ୍ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ତନ୍ୱି ପତ୍ରୀ ଭିଏତ୍‌ନାମର ଏନ୍‌ଗୁଏନ ଥି ଥୁ ହୁଏଜେନ୍‌ଙ୍କୁ ୨୨-୨୦, ୨୧-୧୧ ପଏଣ୍ଟରେ ପରାସ୍ତ କରିଛନ୍ତି ।